ଅଭିଷେକ୍ କୁମାର

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ଡିସେମ୍ବର 4,2006

[ଏସ୍. ବି. ସିହ୍ନା ଏବଂ ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ଅନୁକମ୍ପା ଭିତ୍ତିରେ ନିଯୁକ୍ତି-ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ, କିନ୍ତୁ ଜିଲ୍ଲା କ୍ଷେତ୍ରରେ କୌଣସି ପଦବୀ ଖାଲି ନଥିବା ଦର୍ଶାଇ ଜିଲ୍ଲା ଦଣ୍ଡାଧିକାରୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଗଲା - ରାୟ ଦିଆଗଲା ଯେ ପ୍ରାର୍ଥୀ 2003 ନିୟମାବଳୀର କାର୍ଯ୍ୟକାରୀ ହେବା ପୂର୍ବରୁ ପ୍ରଚଳିତ ନିୟମ ଅନୁଯାୟୀ ନିଯୁକ୍ତି ପାଇବାକୁ ହକଦାର ଥିଲେ- ରାଜ୍ୟ ସରକାର ପ୍ରାର୍ଥୀଙ୍କୁ ତାଙ୍କ ମୂଳ ବରିଷ୍ଠତା ଅନୁଯାୟୀ ରାଜ୍ୟ ମଧ୍ୟରେ ଯେକୌଣସି ପଦବୀରେ ନିଯୁକ୍ତି ପତ୍ର ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ - ମୃତ ସରକାରୀ କର୍ମଚାରୀମାନଙ୍କ ଆଶ୍ରିତମାନଙ୍କ ପାଇଁ ହରିୟାଣା ଅନୁକମ୍ପା ସହାୟତା ନିୟମାବଳୀ, 2003 ।*

**ଆବେଦନକାରୀ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ କାରଣ ତାଙ୍କ ପିତା ଫେବୃଆରୀ, 2001 ରେ କାର୍ଯ୍ୟରତ ଥିବାବେଳେ ମୃତ୍ୟୁବରଣ କରିଥିଲେ । ଜିଲ୍ଲାରେ କୌଣସି ପଦବୀ ଖାଲି ନାହିଁ ବୋଲି ଦର୍ଶାଇ ଜିଲ୍ଲା ଦଣ୍ଡାଧିକାରୀ ତାଙ୍କୁ ନିଯୁକ୍ତି ଦେବାକୁ ମନା କରିଦେଲେ । ମୃତ ସରକାରୀ କର୍ମଚାରୀମାନଙ୍କ ଆଶ୍ରିତମାନଙ୍କ ପାଇଁ ହରିୟାଣା ଅନୁକମ୍ପା ସହାୟତା ନିୟମାବଳୀ, 2003 ର ନିୟମ 9 କୁ ଦୃଷ୍ଟିରେ ରଖି ଆବେଦନକାରୀଙ୍କ ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଲେ ଏବଂ ନିୟମାବଳୀ ଅନୁଯାୟୀ ତାଙ୍କୁ କିଛି ଅନୁକମ୍ପା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଗଲା । ଅସନ୍ତୁଷ୍ଟ ହୋଇ, ଆବେଦନକାରୀ ବର୍ତ୍ତମାନର ଆବେଦନ ଦାଖଲ କରିଥିଲେ ।**

**ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ**

**ରାୟ ଦେଲେ ଯେ : ଆବେଦନକାରୀ ଏପରି ଏକ ସମୟରେ ଅନୁକମ୍ପା ଆଧାରରେ ନିଯୁକ୍ତି ମାଗିଥିଲେ ଯେତେବେଳେ 2003 ନିୟମାବଳୀ ବିଦ୍ୟମାନ ନଥିଲା । ତେଣୁ ତାଙ୍କ ମାମଲାଟି 2001 ମସିହାରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବା ଆବଶ୍ୟକ ଥିଲା । ସ୍ୱଷ୍ଟତଃ, ଏକ ରାଜ୍ୟ-ବ୍ୟାପୀ ତାଲିକା ରଖାଯାଇଥାଏ । ଉକ୍ତ ତାଲିକା ଅନୁଯାୟୀ, ଆବେଦନକାରୀ, ଅନୁକମ୍ପା ଆଧାରରେ ଏକ ନିଯୁକ୍ତି ପାଇବାକୁ ହକଦାର ଥିଲେ । ତାଙ୍କୁ ରାଜ୍ୟ ତରଫରୁ ଏପରି ଏକ ନିଯୁକ୍ତିର ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ଜିଲ୍ଲା ଦଣ୍ଡାଧିକାରୀ ଏହି ପଦବୀ ପ୍ରଦାନ କରିବାକୁ ମନା କରିଦେଲେ । ଯେତେବେଳେ ଏକ ରାଜ୍ୟ-ବ୍ୟାପୀ ତାଲିକା ପ୍ରସ୍ତୁତ କରାଯାଏ, ଏକ ଉଚ୍ଚତର କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ଆଦେଶକୁ ଅବମାନନା କରିବା ଜଣେ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ହୋଇ ନଥାଏ, ସେ ଜିଲ୍ଲା ଦଣ୍ଡାଧିକାରୀ ହୁଅନ୍ତୁ କିମ୍ବା ଅନ୍ୟ କୌଣସି ଅଧିକାରୀ ହୁଅନ୍ତୁ । ଉଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗର ଏହି ଦିଗକୁ ବିଚାର କରିବାରେ ବିଫଳ ହେଲେ । ହରିୟାଣା ରାଜ୍ୟର କାର୍ମିକ ବିଭାଗକୁ ଆବେଦନକାରୀଙ୍କୁ ତାଙ୍କ ମୂଳ ବରିଷ୍ଠତା ଅନୁଯାୟୀ ରାଜ୍ୟ ମଧ୍ୟରେ ନିଯୁକ୍ତି ଦେବା ପାଇଁ ଏକ ନିଯୁକ୍ତି ପତ୍ର ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5657/2006

ସି. ଡବ୍ଲ୍ୟୁ. ପି. ସଂଖ୍ୟା 7957/2004 ରେ ତାରିଖ 26.9.2005 ର ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ଅନ୍ତିମ ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ ପି. ଏନ୍. ପୁରୀ ଏବଂ ଧୀରଜ ।

ଉତ୍ତରଦାତାମାନଙ୍କ ପାଇଁ ଅଜୟ ସିୱାଚ୍, ମଞ୍ଜିତ୍ ସିଂହ ଏବଂ ଟି. ଭି. ଜର୍ଜ ।

ନ୍ୟାୟାଳୟର ରାୟ ନ୍ୟାୟମୂର୍ତ୍ତି ଏସ୍. ବି. ସିହ୍ନା, ଙ୍କ ଦ୍ୱାରା ପ୍ରଦାନ କରାଗଲା ।

ଆବେଦନକାରୀଙ୍କ ପିତା କାର୍ଯ୍ୟରତ ଥିବାବେଳେ 10.2.2001 ରେ ମୃତ୍ୟୁବରଣ କଲେ । ନିୟମ ଅନୁଯାୟୀ, ଯେହେତୁ ଏହା ସେତେବେଳେ ବିଦ୍ୟମାନ ଥିଲା, ଆବେଦନକାରୀ ଅନୁକମ୍ପା ଆଧାରରେ ନିଯୁକ୍ତ ହେବାର ହକଦାର୍ ଥିଲେ । ଏପରି ନିଯୁକ୍ତି ପାଇଁ ଆବେଦନକାରୀ ତାଙ୍କ ପିତାଙ୍କ ମୃତ୍ୟୁ ତାରିଖ ଠାରୁ ଦୁଇ ସପ୍ତାହ ମଧ୍ୟରେ ଆବେଦନ ଦାଖଲ କରିଥିଲେ । ଆବେଦନକାରୀଙ୍କୁ କେବଳ ଯମୁନା ନଗର ଜିଲ୍ଲା ରେ ନିଯୁକ୍ତି ପ୍ରଦାନ କରିବାକୁ ପ୍ରତ୍ୟାଖ୍ୟାନ କରାଯାଇ ନଥିଲା, ଯଦିଓ

ତାଙ୍କ ମୃତ ପିତା ଯମୁନା ନଗର ଜିଲ୍ଲାରେ ଜଣେ କାନୁନଗୋ ଭାବରେ ନିଯୁକ୍ତ ହୋଇଥିଲେ, କିନ୍ତୁ ତାଙ୍କୁ କର୍ଣ୍ଣଲ ଜିଲ୍ଲାରେ ନିଯୁକ୍ତି ଦେବାକୁ ଅନୁରୋଧ କରାଯାଇଥିଲା, କର୍ଣ୍ଣଲ ଜିଲ୍ଲାର ଜିଲ୍ଲା ଦଣ୍ଡାଧିକାରୀ ଏହି ଆଳରେ ତାଙ୍କୁ ନିଯୁକ୍ତି ଦେବାକୁ ପ୍ରତ୍ୟାଖ୍ୟାନ କଲେ ଯେ ଉକ୍ତ ଜିଲ୍ଲାରେ କୌଣସି ଖାଲି ପଦବୀ ନାହିଁ ।

ଆବେଦନକାରୀ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ ରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କଲେ । ଉକ୍ତ ନ୍ୟାୟାଳୟଙ୍କ ସମ୍ମୁଖରେ, ଉତ୍ତରଦାତାମାନେ ଏକ ଯୁକ୍ତି ବାଢିଥିଲେ ଯେ ଇତି ମଧ୍ୟରେ ହରିୟାଣା ରାଜ୍ୟ 28.2.2003 ରେ ଏକ ଅଧିସୂଚନା ଜାରି କରିଥିଲା ଯାହା "ମୃତ ସରକାରୀ କର୍ମଚାରୀମାନଙ୍କ ଆଶ୍ରିତମାନଙ୍କ ପାଇଁ ହରିୟାଣା ଅନୁକମ୍ପା ସହାୟତା ନିୟମାବଳୀ, 2003" ଭାବରେ ଜଣାଶୁଣା । ଏହାର ନିୟମ 9 ନିମ୍ନରେ ଦିଆଗଲା :

"9. ( a) ଏହି ନିୟମ ଅନୁଯାୟୀ ନିଯୁକ୍ତି କେବଳ ନିୟମିତ ଭିତ୍ତିରେ କରାଯିବ ଏବଂ ତାହା ମଧ୍ୟ କେବଳ ଯଦି ସେହି ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ନିୟମିତ ପଦବୀ ଉପଲବ୍ଧ ଥାଏ ।

(b) ଏହି ନିୟମ ଅନୁଯାୟୀ ନିଯୁକ୍ତି ବର୍ଗ C ଏବଂ D ବର୍ଗରେ ଅନୁମୋଦିତ ପଦବୀର (ପ୍ରତ୍ୟକ୍ଷ ନିଯୁକ୍ତି କୋଟା ଅଧୀନରେ ଆସୁଥିବ) ସର୍ବାଧିକ 5 ପ୍ରତିଶତ ପର୍ଯ୍ୟନ୍ତ କରାଯାଇପାରିବ ଯାହା ପ୍ରତିବର୍ଷ ମାର୍ଚ୍ଚ 31 ରେ ବିଭାଗର ମୁଖ୍ୟଙ୍କ ଦ୍ୱାରା ସ୍ଥିର କରାଯିବ । ନିଯୁକ୍ତି କର୍ତ୍ତୃପକ୍ଷ, କର୍ମଚାରୀ ଚୟନ ଆୟୋଗ ମାଧ୍ୟମରେ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ସିଧାସଳଖ ନିଯୁକ୍ତି ଦ୍ୱାରା ପୂରଣ ହେବାକୁ ଥିବା ଉପରୋକ୍ତ ବର୍ଗରେ 5 ପ୍ରତିଶତ ପଦବୀକୁ ଅଟକାଇ ରଖିପାରିବେ, ଯାହା ଦ୍ୱାରା ଅନୁକମ୍ପା ଆଧାରରେ ନିଯୁକ୍ତି ଦ୍ୱାରା ଏହିପରି ପଦବୀ ପୂରଣ କରାଯାଇପାରିବ ।

(c) ଅନୁକମ୍ପା ରାଶି ଆଧାରରେ ନିଯୁକ୍ତି ପାଇଁ ଚୟନ ହୋଇଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ବର୍ଗ ଯଥା - ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ପଛୁଆ ବର୍ଗ/ସାଧାରଣ ବର୍ଗ ଭଳି ସେ ଯେଉଁ ବର୍ଗରେ ଅନ୍ତର୍ଭୁକ୍ତ ତାହା ଉପରେ ନିର୍ଭର କରି - ନିଯୁକ୍ତି ତାଲିକାରେ ସ୍ଥାନ ଦିଆଯିବ ।

ଉକ୍ତ ନିୟମ ଆଧାରରେ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରି ଉତ୍ତରଦାତାମାନଙ୍କୁ ନିୟମ ଅନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ ।

ଏଠାରେ ଆବେଦନକାରୀ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ପାଇଁ ଏପରି ଏକ ସମୟରେ ଅନୁରୋଧ କରିଥିଲେ ଯେତେବେଳେ 2003 ନିୟମ ବିଦ୍ୟମାନ ନଥିଲା I ତେଣୁ ତାଙ୍କ ମାମଲାକୁ 2001 ମସିହାରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବା ଆବଶ୍ୟକ ଥିଲା।ସ୍ୱଷ୍ଟତଃ, ହରିୟାଣା ରାଜ୍ୟରେ ଏକ ରାଜ୍ୟ-ବ୍ୟାପୀ  ତାଲିକା ରଖାଯାଇଥାଏ I ହରିୟାଣା ରାଜ୍ୟ ଦ୍ୱାରା ରଖାଯାଇଥିବା ଉକ୍ତ ତାଲିକା ଅନୁଯାୟୀ, ଆବେଦନକାରୀ ଅନୁକମ୍ପା ଆଧାରରେ ଏକ ନିଯୁକ୍ତି ପାଇବାକୁ ହକଦାର୍ ଥିଲେ I ତାଙ୍କୁ ରାଜ୍ୟ ତରଫରୁ ଏପରି ଏକ ନିଯୁକ୍ତି ଦିଆଯାଇଥିଲା I ଏହା ହେଉଛନ୍ତି ଜିଲ୍ଲା ଦଣ୍ଡାଧିକାରୀ ଥିଲେ ଯିଏ କି ତାଙ୍କ ପଥ ଅବରୋଧ କଲେ ଏବଂ ଏହି ପଦବୀ ପ୍ରଦାନ କରିବାକୁ ମନା କରିଦେଲେ I

ଦୁର୍ଭାଗ୍ୟବଶତଃ ଉଚ୍ଚ ନ୍ୟାୟାଳୟ  ଏହି ପ୍ରସଙ୍ଗର ଏହି ଦିଗକୁ ବିଚାର କରିବାରେ ବିଫଳ ହୋଇଥିଲେ I

ଯେତେବେଳେ ଏକ ରାଜ୍ୟ-ବ୍ୟାପୀ ତାଲିକା ପ୍ରସ୍ତୁତ କରାଯାଏ, ଏକ ଉଚ୍ଚତର କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ଆଦେଶକୁ ଅବମାନନା କରିବା ଜଣେ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ହୋଇ ନଥାଏ, ସେ ଜିଲ୍ଲା ଦଣ୍ଡାଧିକାରୀ ହୁଅନ୍ତୁ କିମ୍ବା ଅନ୍ୟ କୌଣସି ଅଧିକାରୀ ହୁଅନ୍ତୁ I ଅଧିକନ୍ତୁ, କର୍ଣ୍ଣଲରେ କୌଣସି ପଦବୀ ଉପଲବ୍ଧ ନଥାଇପାରେ, କିନ୍ତୁ ଏଥିରେ କୌଣସି ସନ୍ଦେହ କିମ୍ବା ବିବାଦ ରହିପାରିବ ନାହିଁ ଯେ ଏଭଳି ପଦବୀ ହରିୟାଣା ରାଜ୍ୟର ଅନ୍ୟ କୌଣସି ଜିଲ୍ଲାରେ ଉପଲବ୍ଧ ହୋଇଥାନ୍ତା, ନଚେତ୍ ଏଭଳି ନିଯୁକ୍ତି ପ୍ରଦାନ କରାଯାଇ ପାରି ନଥାନ୍ତା I ଆବେଦନକାରୀ ତାଙ୍କ ଲିଖିତ ବିବୃତିରେ ସ୍ୱଷ୍ଟ ଭାବେ କହିଛନ୍ତି ଯେ ସେ ହରିୟାଣା ରାଜ୍ୟର ଯେକୌଣସି ସ୍ଥାନରେ ସେବାରେ ଯୋଗଦେବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ଅଟନ୍ତି I

ଆମ ସମ୍ମୁଖରେ ରାଜ୍ୟ କୌଣସି ପ୍ରତିଆରୋପ ଶପଥ ପତ୍ର ଦାଖଲ କରିନାହାନ୍ତି I କର୍ଣ୍ଣଲର ଜିଲ୍ଲା ଦଣ୍ଡାଧିକାରୀ ଏପରି କରିଛନ୍ତି ଏବଂ ଆମ ସମ୍ମୁଖରେ ମଧ୍ୟ କେବଳ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଉଠାଯାଇଥିବା ଆବେଦନଗୁଡ଼ିକ ଉଠାଯାଇଛି।

ଉପରୋକ୍ତ କାରଣଗୁଡିକ ପାଇଁ, ଆମେ ଉତ୍ତରଦାତା  ସଂଖ୍ୟା  4 ଙ୍କ ର ଉକ୍ତ ଆବେଦନକୁ ଗ୍ରହଣ କରିବାକୁ ଇଚ୍ଛୁକ ନୁହଁ I ତେଣୁ ଆମେ ଏହି ଆବେଦନକୁ ଅନୁମତି ଦେଉଛୁ ଏବଂ ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ରଦ୍ଦ କରୁଛୁ I ଏହି ଆଦେଶର ନକଲ ପ୍ରାପ୍ତ ହେବାର ଚାରି ସପ୍ତାହ ମଧ୍ୟରେ

ଆବେଦନକାରୀଙ୍କୁ ତାଙ୍କ ମୂଳ ବରିଷ୍ଠତା ଅନୁଯାୟୀ ହରିୟାଣା ରାଜ୍ୟ ମଧ୍ୟରେ ଯେକୌଣସି ପଦବୀରେ ନିଯୁକ୍ତି ପାଇଁ ନିଯୁକ୍ତି ପତ୍ର ଜାରି କରିବାକୁ ହରିୟାଣା ରାଜ୍ୟର କାର୍ମିକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ପି. ପି. ଆବେଦନକୁ ଅନୁମତି ଦିଆଗଲା

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।